# Akashvani, Sambalpur

## SAMBALPURI NEWS BULLETIN

### 21 July 2024- 6.47- 6.52 am.

*******************************************

ସଂସଦ୍‌ର ବଜେଟ୍ ଅଧିବେଶନ ଆର୍‌ଏନ୍‌ୟୁ /ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଳ୍ ହେବାର୍‌କେ ଯାଉଥିବାର୍ ବେଲେ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ଗୁଟେ ସର୍ବଦଳୀୟ ବୈଠକ୍ ଡକାଯାଇଛେ । ଇ ବଜେଟ୍ ଅଧିବେଶନ୍‌ଥି ଆଏବା ଗୁରୁବାର୍ ୨୫ ତାରିଖ୍ ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଲୋକ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛର୍‌ର୍ ବଜେଟ୍ ଉପସ୍ଥାପନ୍ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୩ ନମ୍ବର୍ ପାଲି ସର୍‌କାର୍‌ର ପହେଲା ବଜେଟ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲା ମାସ ସଂସଦ୍‌ର ଯୁଗ୍ମ ଅଧିବେଶନ୍‌କେ ସମ୍ବୋଧିତ୍ କରିକରି ଇଥରର୍ ବଜେଟ୍ ଦୀର୍ଘମିଆଦୀ ନୀତି ଆର୍ ଭବିଷ୍ୟତ୍‌ର ଦୃଷ୍ଟିକୋଣକେ ନେଇକରି ସର୍‌କାର୍‌ଙ୍କର୍ ଗୁଟେ ପ୍ରଭାବୀ ଦସ୍ତାବେଜ୍ ହେବା ବଲି କହିଥିଲେ । ଇଥରର୍ ବଜେଟ୍

ଅଧିବେଶନ୍‌ଥି ସରକାର୍‌ଙ୍କର୍ ତର୍‌ଫୁ ୬ ଟା ନୂଆଁ ବିଲ୍ ଭିଲ୍ ସଂସଦ୍ ନ ଉପସ୍ଥାପନ୍ କରାଯାଇପାରେ ।

ପଦ୍ମଶ୍ରୀ କମଲା ପୂଜାରୀ ପରଲୋକ-ବାର୍ତା

ଆର୍‌ଏନ୍‌ୟୁ / ସମ୍ବଲପୁର

ପଦ୍ମଶ୍ରୀ କମଲା ପୂଜାରୀଙ୍କର୍ ପରଲୋକ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପ ରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକପ୍ରକାଶ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଦେଇଥିବା ତାଙ୍କର୍ ଶୋକବାର୍ତାଥି ରାଷ୍ଟ୍ରପତି କହିଛନ୍ ଯେ, ଜୈବିକ ଚାଷ୍ ଆର୍ ପରିବେଶ୍ ସଂରକ୍ଷଣ୍ ଦିଗେ ଅବଦାନ୍ ଲାଗି ପଦ୍ମଶ୍ରୀ ପୂଜାରୀ ସବୁଦିନ ସୋର୍ ରହେବେ । ସେନ୍ତା ଉପ ରାଷ୍ଟ୍ରପତି ତାଙ୍କର୍ ଶୋକବାର୍ତାଥି ଜୈବିକ୍ ଚାଷ୍ ଆର୍ ଦେଶୀ ଧାନ୍‌ର କିସମ୍ ସଂରକ୍ଷଣ୍ ଦିଗେ ସ୍ୱର୍ଗୀୟା ପୂଜାରୀଙ୍କର୍ ଭୂମିକାର୍ ସୁର୍‌ତା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି ଦେଇଥିବା ଶୋକବାର୍ତାଥି ଜୈବିକ୍ ଚାଷ୍ ଆର୍ ଦେଶୀ ବିହନ୍ ସଂରକ୍ଷଣ୍ ଦିଗେ ସ୍ୱର୍ଗୀୟା ପୂଜାରୀ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରଖିଯାଇଛନ୍ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ- ଶ୍ରୀଜୀଉ ଦର୍ଶନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୀଳାଦ୍ରୀ ବିଜେ ଉତ୍‌ରୁ ଗଲାକାଏଲ୍ ନ ଶ୍ରୀଜୀଉମାନ୍‌କର୍ ଦର୍ଶନ୍ କରିଛନ୍ । ସେ ରାଜ୍ୟବାସୀଙ୍କର୍ ମଙ୍ଗଲ୍ କାମନା କରିକରି ମାହାପୁରୁଙ୍କୁ ପ୍ରାର୍ଥନା କର୍‌ବାର୍ ସାଙ୍ଗେ ରଥ୍‌ଯାତ୍ରାର୍ ସୁପରିଚାଲନା ଲାଗି ସମ୍‌କୁ ଧନ୍ୟବାଦ ଜନେଇଛନ୍ । ଲମ୍ବା ସମିଆ ଉତ୍‌ରୁ ମାହାପୁରୁଙ୍କର୍ ରତ୍ନଭଣ୍ଡାର୍ ଖୁଲ୍‌ବାର୍‌ଟା ଐତିହାସିକ୍ କାମ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମାହାପୁରୁଙ୍କର୍ ଦର୍ଶନ୍ ବେଲେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଥିଲେ ।

ସର୍ବଦଲୀୟ ବୈଠକ୍ ଆର୍‌ଏନ୍‌ୟୁ /କଟକ୍

ସପ୍ତଦଶ ବିଧାନ୍‌ସଭାର୍ ପହେଲା ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେବା । ବିଧାନ୍‌ସଭା ଅଧିବେଶନ୍ ଠିକ୍ ଭାବେ ଚଲାବାର୍ ଲାଗି ଆଏଜ୍ ସଖାଲର୍ ୧୧ ବଜେ ସର୍ବଦଲୀୟ ବୈଠକ୍ ଡକାଯାଇଛେ । ବୈଠକ୍‌ଥି ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷତା କର୍‌ବେ । ବିଧାନ୍‌ସଭାର୍ ଇ ଅଧିବେଶନ୍‌ଥି ଉପବାଚସ୍ପତି ପଦ

ଲାଗି ନିର୍ବାଚନ୍ ହେବା । ୨୩ ତାରିଖ୍ ଦିନ ନାମାଙ୍କନ୍ ଆର୍ ୨୪ ତାରିଖ୍ ଦିନ ନିର୍ବାଚନ ଫଲାଫଲ୍ ଘୋଷ୍ନା କରାଯିବା । ଆଏବା ୨୫ ତାରିଖ୍ ଦିନ ବିଧାନ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛ୍ରର୍ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାଯିବା ।

ପିଏମ୍ ସ୍ୱନିଧି ଯୋଜନା-ଜେ.ପି. ନଡ୍ଡା   ଆର୍‌ଏନ୍‌ୟୁ /ସମ୍ବଲପୁର

ପିଏମ୍ ସ୍ୱନିଧି ଯୋଜନା ମୁଲ୍ ହେଲା ଦିନୁ ସର୍‌କାର୍ ରୋଡ୍‌ତରାର୍ ବିକ୍ରେତା ଷ୍ଟ୍ରିଟ୍ ଭେଣ୍ଡର୍ ମାନ୍‌କୁ ୮ ହଜାର୍ ୬ ଶହକୋଟି ଟଙ୍କାର୍ ଋଣ ଦେଇଛନ୍ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ ଏଫ.ଏସ୍.ଏସ୍.ଏ.ଆଇ. ତର୍‌ଫୁ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ ଷ୍ଟ୍ରିଟ୍ ଭେଣ୍ଡର୍‌ମାନ୍‌କୁ ପଞ୍ଜିକରଣ୍ ଲାଗି ରଖାଯାଇଥିବା ପଞ୍ଜିକରଣ୍ ଦେୟକେ ଉଠେଇ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା ବଛ୍ରେ ଭିତ୍‌ରେ ସୁରକ୍ଷିତ ଖାଦ୍ୟ ବାବ୍‌ଦେ ସଚେତନ୍ କର୍‌ବାର୍‌କେ ଦେଶର୍ ଲାଖେ ଝନ୍ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ତାଲିମ୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ ।

ପ୍ରଫେସର୍ ଏସ୍.ପି. ସିଂ ବାଘେଲ                    ଆର୍ଏନ୍ୟୁ /ସମ୍ବଲପୁର

ଦେଶର୍ ଅର୍ଥବ୍ୟବସ୍ଥା ଆର୍ ଖାଦ୍ୟ ନିରାପତା ଦିଗେ ପ୍ରାଣୀସମ୍ପଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ପାଳନ ଆର୍ ଦୁଗ୍ଧ ଉତ୍ପାଦନ୍ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବାଘେଲ୍ କହିଛନ୍ । ଦେଶର୍ ପ୍ରାଣୀଧନ ଗଣନା ବାବ୍ଦେ ଗଲାକାଏଲ୍ ପୁରୀ ନ ଓଡ଼ିଶା, ପଶ୍ଚିମବଙ୍ଗ୍, ବିହାର୍, ଛତିଶ୍ଗଡ଼୍ ଆର୍ ଝାର୍ଖଣ୍ଡ୍ର ଅଧିକାରୀମାନ୍କୁ ନେଇକରି ହେଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିକରି ସେ କହିଛନ୍ ଯେ, ଦେଶେ ଓଡ଼ିଶା ଆର୍ ପଶ୍ଚିମବଙ୍ଗ୍ ନ ସବୁନୁ ଅଏତ୍କା ପ୍ରାଣୀସମ୍ପଦ୍ ଅଛନ୍ । ପ୍ରାଣୀଧନ ଗଣନାର୍ ତଥ୍ୟ ଆଏବା ଦିନେ ପ୍ରାଣୀଧନ କ୍ଷେତ୍ରର୍ ଆହ୍ୱାନ୍ର ମୁକାବିଲା ଦିଗେ ବଡ଼ ଭୂମିକା ନେବା ।

ସର୍କାରୀ କାମ୍-ଓଡ଼ିଆ ଭାଷାର୍ ବେଭାର୍

ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ସଂସ୍କୃତି ଭବନ୍‌ର ସମ୍ମିଲନୀ କକ୍ଷଥି ସର୍‌କାରୀ କାମ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ବାବଦ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଓଡ଼ିଆ ଭାଷା ପ୍ରତିଷ୍ଠାନ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଓଡ଼ିଆ ବାକ୍ୟଗଠନ୍, ଓଡ଼ିଆ ଭାଷା ବେଭାର୍‌ଥି ହେଉଥିବା ସମସ୍ୟା ଆର୍ ତାର୍ ସମାଧାନ୍, ଇଂରାଜୀ ଟିପ୍ପଣୀ ଆର୍ ଚିଠାର୍ ଅନୁବାଦ୍, ପ୍ରଶାସନିକ୍ ପ୍ରୟୋଗ୍, ବନାନ୍ ଶୁଦ୍ଧତା ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ୧୭ ଟା ବିଭାଗ୍‌ର ୨ ଶହ ଝନ୍ ପ୍ରଶିକ୍ଷାର୍ଥୀ ଯୋଗ୍ ଦେଇଥିଲେ ।

ନିଟ୍- ୟୁଜି ପରୀକ୍ଷା ଫଲ ଆର୍‌ଏନ୍‌ୟୁ /ସମ୍ବଲପୁର

ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍-ଏନ୍‌ଟିଏ ତର୍‌ଫୁ ଗଲାକାଏଲ୍ ସହର୍‌ୱାରୀ ଆର୍ ପରୀକ୍ଷା କେନ୍ଦ୍ର ୱାରୀ ନିଟ୍- ୟୁଜି ପରୀକ୍ଷା ଫଲ୍ ବାହାର୍ କରାଯାଇଛେ । ସୁପ୍ରିମ୍‌କୋର୍ଟ ଆଏବା ମଙ୍ଗଲ୍‌ବାର୍ ଦିନ ନିଟ୍ - ୟୁଜି ପରୀକ୍ଷା ମାମ୍‌ଲାର୍ ପରବର୍ତ୍ତୀ ଶୁଣାଣି ଲାଗି ଦିନ ଧାର୍ଯ୍ୟ କରିଛନ୍ ।

ଯୁକ୍ତ ଦୁଇ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଉଚ୍ଚମାଧ୍ୟମିକ ଯୁକ୍ତଦୁଇ ଶିକ୍ଷାର୍ କଲା, ବିଜ୍ଞାନ୍, ବାଣିଜ୍ୟ, ଧନ୍ଦାମୂଲକ୍ ଶିକ୍ଷା ଆଉ ସଂସ୍କୃତ ଉପଶାସ୍ତ୍ରୀ ଶ୍ରେଣୀଥି ନାଁଲେଖା ଲାଗି ଗଲାକାଏଲ୍ ପହେଲା ମେଧା ତାଲିକା ବାହାରିଛେ । ହେଥି ମୋଟ୍ ୪ ଲାଖ୍ ୨୬ ହଜାର୍ ୪ ଶହ ୭୨ ଝନ୍ ଛାତ୍ରଛାତ୍ରୀ ପହେଲା ଖେପର୍ ନାଁ ଲେଖା ଲାଗି ମନୋନୀତ୍ ହେଇଛନ୍ । ଆଏବା କାଏଲ୍ଠାନୁ ୨୭ ତାରିଖ୍ ଭିତ୍ରେ ଇ ପହେଲା ଖେପ୍ ନାଁଲେଖା ହେବା । ଆଏବା ଅଗଷ୍ଟ ମାସର୍ ୫ ତାରିଖ୍ ଦିନ ନାଁଲେଖା ଲାଗି ୨ ନମ୍ବର୍ ଖେପର୍ ମେଧା ତାଲିକା ବାହାର୍ବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ବନିଥିବାର୍ ଲଘୁଚାପ୍ର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଆକଲନ୍ ଅନ୍ସାରେ ଆଏବା କାଏଲ୍ ସଖାଲ୍ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର୍, ବର୍ଗଡ଼୍, ଦେବ୍ଗଡ଼୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍, ନୂଆପଡ଼ା

ଆାର୍ ବଲାଙ୍ଗିର୍ ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ।